**ଏପ୍ରିଲ ୧୧ରୁ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା**

ତାଳଚେର,(ମନୋଜ ନନ୍ଦ): ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୧ତମ ଲୋକ ମହୋତ୍ସବ ଆସନ୍ତା ଏପ୍ରିଲ୍ ୧୧ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ। ଏଥିନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ବୈଠକରେ ଅଧକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ଚନ୍ଦ୍ର ସାହୁ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲଫା ଜେନା, ସହକାରୀ ଜିଲାପାଳ ନାରାୟଣ ସେଠୀଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ, ଏମ୍‌ସିଏଲ୍,ଏନ୍‌ଟିପିସି, ଜିନ୍ଦଲର ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର



## ଆପାର୍ଟମେଣ୍ଟ ପଞ୍ଜୀକରଣ ମାମଲା

### ଅନ୍ତରୀଣ ରହିତାଦେଶ ବଳବତ୍ତର

କଟକ,୧୯।୩(କାର୍ତ୍ତିକ ସାହୁ)

ଆପାର୍ଟମେଣ୍ଟ ପଞ୍ଜୀକରଣ ସମ୍ପର୍କିତ ମାମଲାରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ବୁଧବାର ସମୟ ନେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଉପରେ ପୂର୍ବରୁ ହାଇକୋର୍ଟ ଜାରି କରିଥିବା ରହିତାଦେଶ ବଳବତ୍ତର ରଖିଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ବିଦ୍ୟୁତ୍ ବିତରଣ କମ୍ପାନୀ ଉପରେ ଗଡ଼ୁଛି ୬୫୪୯ କୋଟି

ଭୁବନେଶ୍ୱର,୧୯।୩(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇଦେବା ପାଇଁ ପୂର୍ବ ଏବଂ ଏବେକାର ସରକାର କହିଆସୁଛନ୍ତି। ହେଲେ ଦୈନନ୍ଦିନ ମନଇଚ୍ଛା ବିଦ୍ୟୁତ୍ କଟୁଛି। ଏହାକୁ ନେଇ ଲୋକେ ଅତିଷ୍ଠ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାନସଭାରେ ଗୋଟିଏ ଉତ୍ତର ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ସାଧାରଣ ଲୋକଙ୍କର ଗୋଟିଏ ମାସର ବିଦ୍ୟୁତ୍ ବିଲ୍ ବାକିରହିଲେ ଛୁରି ମରାମରି ପର୍ଯ୍ୟନ୍ତ କଥା ଯାଉଛି। ହେଲେ ସରକାରଙ୍କ ପୂର୍ବ ବିତରଣ କମ୍ପାନୀ ଉପରେ ୬ ହଜାର ୫୪୯ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି ବୋଲି ବୁଧବାର ବିଧାନସଭା ତଥ୍ୟରୁ ଜଣାଯାଇଛି।

ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗୃହକୁ ଦର୍ଶାଇଛନ୍ତି, ଟାଟା ପାୱାର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଉପରେ ଗ୍ରୀଡ୍‌କୋର କୌଣସି ବକେୟା ନାହିଁ। ହେଲେ ବର୍ତ୍ତମାନ ସୁଦ୍ଧା ପୁରାତନ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଉପରେ ଗ୍ରୀଡ୍‌କୋର ୬ ହଜାର ୫୪୯ କୋଟି ଟଙ୍କା ବକେୟା ପଡ଼ିଛି। ବିଜୁଳି କ୍ରୟ କରୁଥିବା ସଂସ୍ଥାଗୁଡ଼ିକୁ ଗ୍ରୀଡ୍‌କୋ ନିର୍ଦ୍ଧାରିତ ସମୟରେ ଦେୟ ପୈଠ କରୁଛି। ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୫ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

# ମହିଳା ଅସୁରକ୍ଷିତ ପ୍ରସଙ୍ଗରେ କଂଗ୍ରେସର ହଟ୍ଟଗୋଳ

ଭୁବନେଶ୍ୱର,୧୯।୩
(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ଅସୁରକ୍ଷିତ ପ୍ରସଙ୍ଗକୁ ନେଇ ବୁଧବାର ବିଧାନସଭାରେ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ପ୍ରଥମାର୍ଦ୍ଧରେ ଦୁଇଟି ପର୍ଯ୍ୟାୟରେ ଗୃହ ମାତ୍ର ୭ ମିନିଟ୍ ପାଇଁ ଚାଲିଥିବାବେଳେ ପ୍ରଶ୍ନକାଳ ଓ ଶୂନ୍ୟକାଳ ଆଲୋଚନା ହୋଇପାରି ନ ଥିଲା। ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆସିଥିବା 'ଗୁଣୁପୁର ଅନ୍ୱେଷା ହଷ୍ଟେଲରେ ଛାତ୍ରଙ୍କୁ ଆକ୍ରମଣ ଓ ମୟୂରଭଞ୍ଜ ବାସିପିଠାରେ ନିମ୍ନମାନର ଖାଦ୍ୟ ଓ ନିର୍ଯାତନା ଯୋଗୁ ରାତିଅଧରେ ୨୫ କି.ମି. ବାଟ ଚାଲି ହଷ୍ଟେଲ ଛାଡ଼ିଲେ ଶତାଧିକ ଆଦିବାସୀ ଛାତ୍ର, ରାଜ୍ୟ ସରକାର ବେଫିକର' ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନାହିଁ।

ବୁଧବାର ପ୍ରଶ୍ନକାଳ ଆରମ୍ଭମାତ୍ରେ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ରହିଛନ୍ତି। ନାରୀ ନିର୍ଯାତନା ମାମଲାର ତଦନ୍ତ ପାଇଁ ଗୃହ କମିଟି ଗଠନ ଦାବିରେ କଂଗ୍ରେସ ଏକ ସପ୍ତାହଧରି ଦାବି କରିଆସୁଛି। ମାତ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସରକାର ତୁରନ୍ତ ଗୃହ କମିଟି ଗଠନ କରନ୍ତୁ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ।

କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଏହି ଅବସରରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ରାଜ୍ୟରେ ନାରୀ ସୁରକ୍ଷା ଗୋଟିଏ ବଡ଼ ପ୍ରସଙ୍ଗ। ଯେପର୍ଯ୍ୟନ୍ତ ମହିଳାମାନେ ନିଜକୁ ସୁରକ୍ଷିତ ମନେକରିନାହାନ୍ତି, ସେପର୍ଯ୍ୟନ୍ତ ଆମ ଲଢ଼େଇ ଜାରି ରହିବ। ଅନ୍ୟପକ୍ଷରେ ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ମଙ୍ଗଳବାର ଏ ନେଇ ମୁଲତବୀ ଆଲୋଚନା ହୋଇଛି। କଂଗ୍ରେସ ମଧ୍ୟ ଏଥିରେ ଭାଗନେଇଥିଲା। ରାଜ୍ୟରେ ପୂର୍ବାପେକ୍ଷା ମହିଳାବିରୋଧୀ ହିଂସା କମିଛି। ଏ ସଂକ୍ରାନ୍ତ ଆଲୋଚନା ପରେ କଂଗ୍ରେସ ପ୍ରତିବାଦ କରିବାର କିଛି ପ୍ରାସଙ୍ଗିକତା ନାହିଁ।

# ଭାଗଚାଷୀଙ୍କୁ ନେଇ ତେଜିଲା ରାଜନୀତି

## ପ୍ରଶ୍ନ ଏକ, ଉତ୍ତର ଅଲଗା

ଭୁବନେଶ୍ୱର,୧୯।୩
(ରବିନାରାୟଣ ଜେନା)

ରାଜ୍ୟରେ ଭାଗଚାଷୀଙ୍କ ପ୍ରକୃତ ସଂଖ୍ୟା କେତେ ତାହାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗୃହକୁ ଦେଇଥିବା ପୃଥକ୍ ଉତ୍ତରକୁ ନେଇ ବିରୋଧୀ ବିଜେଡି ସରକାରଙ୍କୁ ନିଶାନା କରିଛି।

ଗୋଟିଏପଟେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ୨୦୧୫-୧୬ କୃଷି ଗଣନା ଅନୁଯାୟୀ ରାଜ୍ୟରେ ୨ ଲକ୍ଷ ୮୩ ହଜାର ୭୧ ଭାଗଚାଷୀଙ୍କ ସଂଖ୍ୟା ବୋଲି ଆକଳନ କରାଯାଇଥିଲା। ଅନ୍ୟପକ୍ଷରେ ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୫-୧୬ କୃଷି ଗଣନା ଅନୁଯାୟୀ ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ ରାଜ୍ୟରେ ଅଛନ୍ତି। କୃଷକମାନଙ୍କୁ କୃଷିକାର୍ଯ୍ୟ ଲାଗି ପ୍ରୋତ୍ସାହିତ କରିବା ପାଇଁ ୩୯ଟି ଯୋଜନା ପ୍ରଣୟନ କରାଯାଇଛି। ତେବେ ଉପମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଭାଗଚାଷୀଙ୍କ ସଂଖ୍ୟାରେ ତାଳମେଳ ନାହିଁ ବୋଲି ବିଜେଡି କହିଛି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବିଗତ ସରକାର ସମୟରେ ଭାଗଚାଷୀଙ୍କ ଉପରେ ବହୁ ପ୍ରଶ୍ନ ଉଠିଥିଲା। ଏବର ସରକାର ଲଙ୍ଗଳ ଧରିନାହାନ୍ତି। ସରକାର ବାଚଳାମି ଯୋଗୁ ଏପରି ଦୁଇଟି ଉତ୍ତର ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଠିକ୍ ଉତ୍ତର ଦେବାକୁ ମନ୍ତ୍ରୀଗଣଙ୍କୁ କୁହନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି।

# ମାନବ ଜୀବନର ମୌଳିକ ଅଧିକାର 'ଖୁସି'

## ଆଜି ଅନ୍ତର୍ଜାତୀୟ ଖୁସି ଦିବସ



ଦୈନନ୍ଦିନ ଜୀବନ ପାଇଁ ଖାଦ୍ୟ, ବାସଗୃହ ଯେମିତି ଆବଶ୍ୟକ, ଖୁସି ମଧ୍ୟ ସେହିପରି ଅପରିହାର୍ଯ୍ୟ। ଖୁସି ରହିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମଗତ ଅଧିକାର। ଆଜି ହେଉଛି ସେହି ଖୁସିର ଦିନ। ସମଗ୍ର ବିଶ୍ୱ ମାର୍ଚ୍ଚ ୨୦ରେ 'ଅନ୍ତର୍ଜାତୀୟ ଖୁସି ଦିବସ' ପାଳନ କରୁଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ଲୋକଙ୍କୁ ସୁଖର ମହତ୍ତ୍ୱ ବିଷୟରେ ଅବଗତ କରାଇବା ଏବଂ ଖୁସି ବାଣ୍ଟିବା ଲାଗି ପ୍ରେରଣା ଦେବା। ଏହା କେବଳ ଗୋଟିଏ ଦିନ ପର୍ଯ୍ୟନ୍ତ ସୀମିତ ନୁହେଁ କାରଣ ଏହା ଆମକୁ ପ୍ରତ୍ୟେକ ଦିନ ମିଳୁଥିବା ଛୋଟ ଛୋଟ ଖୁସିକୁ ସମ୍ମାନ ଜଣାଇବାକୁ ପ୍ରେରଣା ଦେଇଥାଏ।

ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ ଲୋକମାନେ ଚାପ ଏବଂ ଚିନ୍ତାରେ ଅଧିକ ଜୀବନଯାପନ କରିବା ଆରମ୍ଭ କରିଛନ୍ତି। ଯେଉଁ କାରଣରୁ ଜୀବନ ନୀରସ ହୋଇଯାଉଛି। ଏଭଳି ପରିସ୍ଥିତିରେ ଲୋକଙ୍କୁ ସୁଖର ମୁହୂର୍ତ୍ତ ବିଷୟରେ ଅବଗତ କରାଇବା ପାଇଁ ୨୦୧୧ରେ ଅନ୍ତର୍ଜାତୀୟ ଖୁସି ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ମିଳିତ ଜାତିସଂଘ ସାଧାରଣ ସଭାରେ ଖୁସିକୁ ଏକ ସାର୍ବଜନୀନ ନୀତି ଭାବରେ ବିବେଚନା କରିବା ପାଇଁ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଧାରଣା ମୁଖ୍ୟତଃ ପରାମର୍ଶଦାତା ଜେମି ଇଲିଅନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିଲା, ଯିଏ 'ହ୍ୟାପିଟାଲିଜିମ୍'ର ଧାରଣା ଆଣିଥିଲେ। ଆଉ ଏହା ପରାମର୍ଶ ଦେଇଥିଲା ଯେ ଏକ ଦେଶର ଆର୍ଥିକ ବିକାଶ ପାଇଁ ଖୁସିକୁ ପ୍ରାଥମିକତା ଦିଆଯିବା ଉଚିତ। ଏହି ପ୍ରସ୍ତାବକୁ ୨୦୧୨ ମସିହାରେ ଗୃହୀତ କରାଯାଇଥିଲା ଏବଂ ୨୦୧୩ ମସିହାରେ ପ୍ରଥମ ଅନ୍ତର୍ଜାତୀୟ ଖୁସି ଦିବସ ପାଳନ କରାଯାଇଥିଲା। ୨୦୨୫ ପାଇଁ ଏହି ଦିବସର ବିଷୟବସ୍ତୁ ହେଉଛି 'ଯତ୍ନ ଏବଂ ବାଣ୍ଟିବା'। ଆମେ ଯତ୍ନ ଏବଂ ବାଣ୍ଟିବାର ଛୋଟ ଛୋଟ କାର୍ଯ୍ୟ ମାଧ୍ୟମରେ ଅନ୍ୟମାନଙ୍କ ଜୀବନରେ ଖୁସି ଆଣିପାରିବା। ଅନ୍ତର୍ଜାତୀୟ ଖୁସି ଦିବସର ଗୁରୁତ୍ୱ ହେଉଛି, ଏହା ଆମକୁ ଅନୁଭବ କରାଏ ଯେ ଖୁସି କେବଳ ଭୌତିକ ସମ୍ପତ୍ତି କିମ୍ବା ବାହ୍ୟ ସୁଖ ସୁବିଧାରେ ମିଳେ ନାହିଁ, ବରଂ ଏହା ଭିତରୁ ଅନୁଭବ ହୁଏ।

# ନାଟ୍ୟ ନିର୍ଦ୍ଦେଶକ ବ୍ରଜ ମୋହନ ମିଶ୍ରଙ୍କ ପରଲୋକ

ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)



ଓଡ଼ିଆ ନାଟ୍ୟ ଜଗତର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ବ୍ରଜ ମୋହନ ମିଶ୍ର(୮୭)ଙ୍କ ବୁଧବାର ସକାଳ ପ୍ରାୟ ୭ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଚିକିତ୍ସିତ ହେଉଥିଲେ।

୧୯୩୮ ମସିହା ମାର୍ଚ୍ଚ ୯ ତାରିଖରେ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମିଶ୍ର ଓଡିଶାର ଜଣେ ଆଗାଧାଡିର ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟ ସମାଲୋଚକ ଭାବେ ପରିଚିତ ଥିଲେ। ବଲାଙ୍ଗୀରର ପ୍ରସିଦ୍ଧ ନାଟ୍ୟ ଅନୁଷ୍ଠାନ ରଙ୍ଗକାରର ସେ ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ଥିଲେ। ୧୯୭୫ରୁ ୧୯୯୦ ମସିହା ପର୍ଯ୍ୟନ୍ତ ନାଟକକୁ ଲୋକପ୍ରିୟ କରିବାରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଓଡିଶା ନାଟ୍ୟ ସଂଘ ଏବଂ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ସେ ଉପଦେଷ୍ଟା ଥିଲେ। ତାଙ୍କ ବିୟୋଗରେ ବଲାଙ୍ଗୀର ସମେତ ଓଡିଶାର ନାଟ୍ୟ ଜଗତରେ ଶୋକପ୍ରକାଶ ପାଇଛି।

# ବାରିପଦାରେ ହେବ ଆୟୁର୍ବେଦିକ ମେଡିକାଲ କଲେଜ: ମନ୍ତ୍ରୀ

ଭୁବନେଶ୍ୱର, ୧୯।୩(ସୁନିତ୍ ମିଶ୍ର)

ବିଧାନସଭାରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଉତ୍ତରରେ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଜେଡି ଶାସନରେ ଥିବାବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଲାଗୁ କରିବା ସମୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନା ଲାଗୁ କଲେନାହିଁ। ଫଳରେ ପ୍ରତ୍ୟେକ ବର୍ଷ ୫୦୦ କୋଟି ଟଙ୍କା ହିସାବରେ ରାଜ୍ୟକୁ ୨୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଲା। ବର୍ତ୍ତମାନ ଆୟୁଷ୍ମାନ୍ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ। ପିଏମ୍ ବୟବନ୍ଦନା ଯୋଜନାରେ ରାଜ୍ୟର ୨୩ରୁ ଅଧିକ ଲୋକ ଉପକୃତ ହେବେ। ଖୁବ୍‌ଶୀଘ୍ର ରାଜ୍ୟରେ ୫୨୪୮ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିବ। ବାରିପଦାଠାରେ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଏଥିଲାଗି କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଖୋର୍ଦ୍ଧାଠାରେ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଫୋରେନ୍‌ସିକ୍ ସାଇନ୍ସ ପ୍ରତିଷ୍ଠା ହେବ। ଏନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିସାରିଥିବା ବେଳେ ରାଜ୍ୟ ସରକାର ୩୫ ଏକର ଜମି ଏଥିଲାଗି ଯୋଗାଇ ଦେବେ। ରାଜ୍ୟର ବିଭିନ୍ନ ହସ୍ପିଟାଲରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମୃତଦେହ ମାଗଣାରେ ରାଜ୍ୟ ସରକାର ତାଙ୍କ ଘରେ ପହଞ୍ଚାଇବେ। ଏଥିଲାଗି ଏକ ଟୋଲ୍ ଫି ନମ୍ବର ଜାରି କରାଯିବା ସହ ଏକ କଲ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟର ୮୪.୮୧ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ସେ କହିଛନ୍ତି।




# ଜୀବନ ଧନ ମୋ ପଖାଳ କଂସା

## ଆଜି ବିଶ୍ୱ ପଖାଳ ଦିବସ

ଭୁବନେଶ୍ୱର,୧୯।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଜନଜୀବନ ସହ ପଖାଳର ସମ୍ପର୍କ ବହୁ ପୁରୁଣା। ପ୍ରତ୍ୟେକ ଓଡ଼ିଆର ପ୍ରାଣର ପ୍ରତୀକ ହେଉଛି ପଖାଳ। ଗାଁ ହେଉ କି ସହର ଯେଉଁଠାରେ ରୁହନ୍ତୁନା କାହିଁକି ଓଡ଼ିଆ ଲୋକଙ୍କର ପଖାଳ ପ୍ରତି ଥିବା ଲାଳସା କେବେବି କମ୍ ହୋଇ ନ ଥାଏ। ତେଣୁ ଓଡ଼ିଆ ସଂସ୍କୃତିରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ମାର୍ଚ୍ଚ ୨୦କୁ ପଖାଳ ଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଉଛି। ଏହି ଦିନରେ ପଖାଳର ମହତ୍ତ୍ୱକୁ ନେଇ ସ୍ୱର୍ଗତ ବାଳକୃଷ୍ଣ ଦାସଙ୍କ 'ଆସ ଜୀବନ ଧନ ମୋ ପଖାଳ କଂସା' ଗୀତ ମନେପଡ଼ିଯାଉଛି। ଗାଁରେ ଥିବା ଝୁମ୍ପୁଡ଼ି ଘର ହାଣ୍ଡିଶାଳର ଶୋଭା ବଢ଼ାଉଥିବା ପଖାଳ ମୋହରେ କେବଳ ମଣିଷ ପଡ଼ିନାହାନ୍ତି, ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ବି ପଖାଳ ମୋହରେ ମୋହିତ। ସେଥିପାଇଁ ତ ବର୍ଷସାରା ଦାରୁଦିଅଁଙ୍କ ପାଖରେ ପଖାଳର ଭୋଗ ପରଷା ହେଉଛି। ଜଗନ୍ନାଥଙ୍କ ଛପନ ଭୋଗ ମଧ୍ୟରେ ପାଖଳର ସ୍ଥାନ ସର୍ବଦା ସ୍ୱତନ୍ତ୍ର ରହିଛି। ବର୍ତ୍ତମାନର ଫାଷ୍ଟଫୁଡ୍ ଯୁଗରେ ବି ଏହାର ଆଦର କମିନାହିଁ। ସହରର ଚାକଚକ୍ୟ ସହ ଦେଶୀ, ବିଦେଶୀ ଖାଦ୍ୟ ଭିତରେ ରାଜଧାନୀବାସୀ ପଖାଳକୁ ବେଶ୍ ଖୋଜୁଛନ୍ତି। ବିଶେଷକରି ଏବେ ପ୍ରବଳ ଖରା ହେଉଥିବାରୁ ଲୋକଙ୍କର ପ୍ରଥମ ପସନ୍ଦ ପଖାଳ ପାଲଟିଛି। ଫଳରେ ସହରର ଛୋଟଠାରୁ ବଡ଼ ବଡ଼ ତାରକା ହୋଟେଲରେ ପଖାଳର କ୍ରେଜ୍ ରହିଛି।

ବର୍ତ୍ତମାନ ସମୟରେ ପଖାଳର ଅଧିକ ଡିମାଣ୍ଡ ରହୁଥିବାରୁ ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଦହି ପଖାଳ, ସଜ ପଖାଳ, ଛୁଙ୍କ ପଖାଳ, ଖଟା ପଖାଳ ଏବଂ ପରିବା ପଖାଳ ପରି ଅନେକ କିସମର ପଖାଳ ଉପଲବ୍ଧ ହେଉଛି। ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର ସହ ଦହି ଛୁଙ୍କଦିଆ ପଖାଳର କ୍ରେଜ୍ ସବୁଠି ଅଧିକ ରହିଥିବା ଦେଖାଯାଉଛି। ଦହି ପଖାଳ ସଙ୍ଗକୁ ଶାଗ ଭଜା, ଛତୁ ଭଜା, ବାଇଗଣ ଭର୍ତ୍ତା, ବଡ଼ିଚୂରା ଓ ଭଜା ଖାଇବାର ମଜାକୁ ବଢ଼ାଇ ଦେଉଛି। ସେହିପରି ଆମିଷ ଖାଉଥିବା ଲୋକଙ୍କ ପାଇଁ ଚୂନା ଓ ବଡ଼ ମାଛ ଭଜା, କୁକୁଡ଼ା ମାଂସ ଭଜା ଓ ପତ୍ରପୋଡ଼ା ରହିଥିବା ନିୟୁ ମ୍ୟାରିୟନ ହୋଟେଲ ପକ୍ଷରୁ କୁହାଯାଇଛି। ଏଠାରେ ନିରାମିଷ ପଖାଳ ପ୍ଲେଟ୍‌ର ମୂଲ୍ୟ ୬୫୦ ଟଙ୍କା ରହିଥିବା ବେଳେ ଆମିଷ ପଖାଳର ମୂଲ୍ୟ ୭୫୦ ଟଙ୍କା ରହିଛି। ସେହିଭଳି ରାଜଧାନୀରେ ପଖାଳର ହବ୍ କୁହାଯାଉଥିବା ଏକାମ୍ର ହାଟରେ ମଧ୍ୟ ଏବର୍ଷ ନିରାମିଷ ପଖାଳ ୧୨୦ ଟଙ୍କାରୁ ୧୪୦ ଟଙ୍କା ପର୍ଯନ୍ତ ରହିଛି। ସ୍ୱସ୍ତି ପ୍ରିମିୟମ୍‌ରେ ପଖାଳ ଦିବସରେ ସ୍ପେଶାଲ ପଖାଳ ରହିଛି। ଆମିଷ ପଖାଳ ପ୍ଲେଟ୍‌ର ମୂଲ୍ୟ ୯୯୯ ରହିଥିବାବେଳେ ସାଦା ମୂଲ୍ୟ ୮୯୯ ଟଙ୍କା ରହିଛି। ହୋଟେଲ ଶୀତଳରେ ନିରାମିଷ ପଖାଳର ମୂଲ୍ୟ ୫୫୦ ରହିଥିବା ବେଳେ ଆମିଷ ୬୦୦ ଟଙ୍କା। ଏଥିରେ ପାଖାପାଖି ୮ରୁ ୯ ପ୍ରକାରର ଆଇଟମ୍ ରହୁଛି।



## ଖାଦ୍ୟପ୍ରେମୀଙ୍କ ମୁହଁରୁ...

### ପଖାଳର ଆନନ୍ଦ କୌଣସି ଖାଦ୍ୟରେ ନାହିଁ



ଆମେ ଯେତେ ଯାହା ଖାଇଲେ ବି ମୁଠାଏ ପଖାଳ ଖାଇ ତୋରାଣି ଟିକିଏ ପିଇଦେଲେ ଯେତିକି ଆନନ୍ଦ ମିଳେ, ତାହା ଆଉ ଅନ୍ୟ କୌଣସି ଖାଦ୍ୟରେ ମିଳେ ନାହିଁ। ବିଶେଷ କରି ଖରାଦିନେ ପଖାଳ ଖାଇଦେଲେ ଦେହ ଓ ମନକୁ ବହୁ ଶାନ୍ତି ମିଳେ। ପଖାଳ ଆମ ପ୍ରତ୍ୟେକ ଓଡ଼ିଆ ପ୍ରାଣର ପ୍ରିୟ କହିଲେ ଭୁଲ୍ ହେବନାହିଁ। ଏହା ଆମ ଓଡ଼ିଆଘରର ପରିଚୟ ଦେଇଥାଏ।

- ଜ୍ୟୋତିରଞ୍ଜନ ଜେନା, କର୍ମଜୀବୀ

### ପଖାଳ ସହ ବଡ଼ିଚୂରା, ଚୂନାମାଛ ପସନ୍ଦ



ବାହାଘର ପରେ ମୋତେ ଗାଁ ଛାଡ଼ି ସହର ଯିବାକୁ ପଡ଼ିଲା। ହେଲେ ମୁଁ ପଖାଳକୁ କେବେ ବି ଛାଡ଼ିପାରିଲି ନାହିଁ। ପଖାଳ ମୋର ଓ ମୋ ସ୍ୱାମୀଙ୍କର ଏବଂ ଆମ ପରିବାରର ସମସ୍ତଙ୍କର ପ୍ରିୟ ଖାଦ୍ୟ। ପଖାଳ ସାଙ୍ଗକୁ ବଡ଼ିଚୂରା ଆଉ ଚୂନାମାଛ ଭଜା ମୋର ଭାରି ପସନ୍ଦ। ସବୁଦିନ ମୁଁ ଘରେ ପଖାଳ କରି ସମସ୍ତଙ୍କୁ ଖାଇବାକୁ ଦେବା ସହ ନିଜେ ଖାଇଥାଏ।

- ପୂଜାସ୍ମିତା ରାଉତ, ଗୃହିଣୀ

### ପ୍ରତି ଓଡ଼ିଆର ପ୍ରିୟ ଆହାର ପଖାଳ



ପଖାଳ ହେଉଛି ପ୍ରତି ଓଡ଼ିଆର ପ୍ରିୟ ଆହାର। ଓଡ଼ିଆର ମୂଲ୍ୟକୁ ଦୁଇଗୁଣିତ କରେ ପଖାଳ କଂସା। ନିଜ ଆବଶ୍ୟକତାକୁ କମ୍ କରି କିଭଳି ଜଣେ ବଞ୍ଚିପାରିବ, ତା'ର ନିଦର୍ଶନ ହେଉଛି ପଖାଳ। କୁହାଯାଏ, ପଖାଳ ତୋରାଣି କେତେକ ରୋଗକୁ ମଧ ଦୂର କରିଦେଇଥାଏ। ସଭ୍ୟତା, ସମାଜ ଓ ସଂସ୍କୃତି ସହ ପଖାଳ ପରମ୍ପରା ଏମିତି ବଞ୍ଚି ରହିଥାଉ।

- ସ୍ମୃତିସୁଧା ସାହୁ, ଛାତ୍ରୀ

# ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ପରିଚୟ: ମୁଖ୍ୟମନ୍ତ୍ରୀ

## ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୩(ଅଭୟ ଦାଶ)

ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ପ୍ରତୀକ ଏବଂ ଏହା ଆମର ପରିଚୟ। ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ। ଅନେକ ହଜାର ହସ୍ତତନ୍ତ କାରିଗରଙ୍କୁ ଏହା କେବଳ ଜୀବନ ଜୀବିକା ଯୋଗାଇନାହିଁ, ସ୍ୱାବଲମ୍ବୀ ହେବାର କଳା ଶିଖାଇଛି। ଏହି ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଓ ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ପୂର୍ବରୁ ଏହି ମେଳାକୁ ମୁଁ ଅନେକ ଥର ବୁଲିବା ପାଇଁ ଆସିଛି। ହେଲେ ଆଜି ଓଡ଼ିଶାର ପ୍ରଧାନ ସେବକ ଭାବେ ମୋତେ ସୁଯୋଗ ମିଳିଲା ଆପଣଙ୍କ ସହିତ ଏଠାରେ ସାମିଲ ହେବା ପାଇଁ। ତେଣୁ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମୁଁ ଏହାକୁ ହାତଛଡ଼ା କଲିନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗରମାନଙ୍କୁ ଧନ୍ୟବାଦ ଦେଇ କହିଲେ, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ହେଉଛି ଆମ କଳାର ଏକ ସ୍ୱତନ୍ତ୍ର ପରିଚୟ। ସମଗ୍ର ଓଡ଼ିଆ ଜାତିକୁ ଏହା କଳାର ଏକତା ସୂତ୍ରରେ ବାନ୍ଧି ରଖିଛି। ଏହା ଓଡ଼ିଆ ଅସ୍ମିତାର ପରିଚୟ ଭାବେ ମଧ୍ୟ ଏକ ଗୌରବମୟ ସ୍ୱାକ୍ଷର ବହନ କରୁଛି। ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତର ପ୍ରସ୍ତୁତ କରିବା ପ୍ରକ୍ରିୟା ଆଜି ମଧ୍ୟ ବେଶି କିଛି ବଦଳି ନାହିଁ। ସେଥିପାଇଁ ତ ହାତରେ ପ୍ରସ୍ତୁତ ହସ୍ତକଳା, ହସ୍ତତନ୍ତ ଲୁଗାର ଚାହିଦା ଏବଂ ଆଦର ବହୁ ଅଧିକ। ଏହାର କାରଣ ହେଉଛି ଆମର ହସ୍ତଶିଳ୍ପୀଙ୍କ ହାତରେ ଥିବା ଯାଦୁର ମୂଲ୍ୟ । ତେଣୁ ହସ୍ତଶିଳ୍ପ, ହସ୍ତତନ୍ତ ପ୍ରସ୍ତୁତ ଲୁଗାର ଚାହିଦା ସବୁବେଳେ ଥିଲା ଏବଂ ସବୁବେଳେ ରହିଥିବ। ଓଡ଼ିଶାର ଅନେକ ହସ୍ତତନ୍ତ ସାମଗ୍ରୀ ଭୌଗୋଳିକ ସୂଚକାଙ୍କ ମାନ୍ୟତା ବା ଜିଆଇ ଟ୍ୟାଗ୍ ପାଇ ରାଜ୍ୟର ଗୌରବକୁ ବଢ଼ାଇଛି। ରାଜ୍ୟରେ ହସ୍ତଶିଳ୍ପର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପର ପ୍ରୋତ୍ସାହନ ପାଇଁ ଆମେ ୫୨କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖିଛୁ। ସେହିପରି ବୟନ ଶିଳ୍ପର ପ୍ରୋତ୍ସାହନ ପାଇଁ ୧୨୨ କୋଟି ଏବଂ ହସ୍ତତନ୍ତ ଶିଳ୍ପ ପ୍ରୋତ୍ସାହନ ପାଇଁ ମଧ ୧୨୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଚଳିତ ବର୍ଷ ୬ ହଜାର କାରିଗରଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେବାର ଯୋଜନା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୯ଟି ହସ୍ତଶିଳ୍ପ ଉତ୍ପାଦକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ଆବେଦନ କରାଯିବ। ଏହା ସହିତ ୫୫୦ଜଣ କାରିଗରଙ୍କୁ ୱାର୍କ ସେଡ୍ ନିର୍ମାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏଥିସହ ୧୦୦ କାରିଗରଙ୍କୁ ନିଜସ୍ୱ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ବ୍ୟାଙ୍କ ଫାଇନାନ୍ସ ଓ ମାର୍ଜିନ ମନି ଯୋଗାଇ ଦିଆଯିବ। କଣ୍ଟିଲୋ, ପିପିଲି, ବାଲିଯୋର, ହୀରାକୁଦ ଅଞ୍ଚଳ, କଟକ ଓ କୋଟପାଡ଼କୁ ଐତିହ୍ୟ କ୍ରାଫ୍ଟ ଏବଂ ବୁଣାକାର ଗ୍ରାମ ଭାବେ ବିକଶିତ କରାଯିବା ସହ ପର୍ଯ୍ୟଟନକୁ ହସ୍ତଶିଳ୍ପ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ଅତିରିକ୍ତ ଭିତ୍ତିଭୂମି ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରେ ଜନତା ମଇଦାନଠାରେ ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ, ଏ ମାଟିର ପ୍ରତ୍ୟେକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ଏକ ନିଆରା ଆକର୍ଷଣ ଏବଂ ଭିନ୍ନ କାହାଣୀ ରହିଛି। ଏହା ଆମ ସଂସ୍କୃତିର ପରିଚୟ ଏବଂ ଓଡ଼ିଆ ଅସ୍ମିତାର ଗରିମାମୟ ଚମକ। ବୁଣାକାର ଓ କାରିଗରଙ୍କ ଆର୍ଥିକ ସ୍ୱଚ୍ଛଳତା ଦିଗରେ ଏହି ମେଳା ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ମହିଳା ସଶକ୍ତୀକରଣ, ଆତ୍ମନିର୍ଭରଶୀଳତା ଓ ଜୀବନଜୀବିକାର ସୁରକ୍ଷା ପାଇଁ ଏହି ମେଳା ଉତ୍ସର୍ଗୀକୃତ। ଉକ୍ତ କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ସାମାଜିକ ସମସ୍ୟା ବଖାଣିଲା 'କୁଳଚନ୍ଦ୍ରମା'


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ନାଟକ 'କୁଳଚନ୍ଦ୍ରମା'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)

ହିନ୍ଦୁଧର୍ମରେ କୁଳରକ୍ଷା ପାଇଁ ସନ୍ତାନର ଆବଶ୍ୟକତା ରହିଛି। ସନ୍ତାନ ଦ୍ୱାରା ଶବ ସଂସ୍କାର ଓ କ୍ରିୟାକର୍ମ କରିବା ବିଧି ରହିଛି। ଏହାଛଡା ଅପୁତ୍ରକ ନାରୀ ସମାଜରେ ଘୃଣ୍ୟ ଓ ଲାଞ୍ଛିତ ହୋଇଥାଏ। ଏଣୁ ଦାମ୍ପତ୍ୟ ଜୀବନର ପୂର୍ଣ୍ଣତା ପାଇଁ ସନ୍ତାନର ଆବଶ୍ୟକତା ନିହାତି ଜରୁରୀ। ସନ୍ତାନ ଧାରଣ କରି ପାରୁ ନ ଥିବା ଦମ୍ପତି ଆଜିର ଚିକିତ୍ସା ବିଜ୍ଞାନ ଯୁଗରେ ଅନ୍ୟ ଜଣକ ଗର୍ଭରେ ନିଜର ଭ୍ରୂଣ ରୋପଣ କରି ସନ୍ତାନ ପାଇପାରୁଛି। ଏଭଳି ଏକ ସ୍ପର୍ଶକାତର ସାମାଜିକ ସମସ୍ୟାକୁ ନେଇ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ଲାବଣ୍ୟ ନାଟ୍ୟ ମହୋତ୍ସବରେ ମଞ୍ଚସ୍ଥ ହୋଇଛି ନାଟକ 'କୁଳଚନ୍ଦ୍ରମା'। ନାଟ୍ୟ କର୍ମଶାଳାର ଛାତ୍ରୀଛାତ୍ର ଅତି ନିଖୁଣ ଭାବରେ ନାଟକଟିକୁ ପରିବେଷଣ କରିଥିବାବେଳେ ସତ୍ୟ ଜେନା ନିର୍ଦ୍ଦେଶନା ଦେଇଥିଲେ। ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅଭିନେତା ଡ. ନରେନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ।

# ଖୋର୍ଦ୍ଧାରେ ହେବ ଜାତୀୟ ଫୋରେନ୍‌ସିକ ସାଇନ୍ସ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ)

ଜାତୀୟ ଫୋରେନ୍‌ସିକ ସାଇନ୍ସ ୟୁନିଭର୍ସିଟି (ଏନ୍‌ଏଫ୍‌ଏସ୍‌ୟୁ) ଖୁବ୍‌ଶୀଘ୍ର ଖୋର୍ଦ୍ଧା ଜିଲାରେ ଏହାର କ୍ୟାମ୍ପସ ସ୍ଥାପନ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଫୋରେନ୍‌ସିକ ସାଇନ୍ସ ୟୁନିଭର୍ସିଟି ଆକ୍ଟ ୨୦୨୦ ଅନୁଯାୟୀ ଏହି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯାଉଛି। ମହାରାଷ୍ଟ୍ରର ନାଗପୁର ଏବଂ ଛତିଶଗଡ଼ର ରାୟପୁରରେ ଏନ୍‌ଏଫ୍‌ଏସ୍‌ୟୁର କ୍ୟାମ୍ପସ ରହିଛି। ଓଡ଼ିଶାରେ ଫୋରେନସିକ ସାଇନ୍ସ ବିଶ୍ୱବିଦ୍ୟାଳୟର ନୂତନ ଶାଖା ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ପାଇଁ ଭଟଲିର ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସଂକ୍ରମଣ ଯୋଗୁ ବାମ ଗୋଡ଼ ହରାଇଲେ ବୈଷ୍ଣବୀ

## ଏସ୍‌ସିବିରେ କଟା ଗୋଡ଼ ଯୋଡ଼ିବା ଘଟଣା

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କଟା ଗୋଡ଼ ଯୋଡିବା ଘଟଣାରେ ସାରା ଜୀବନ ପାଇଁ ବାମଗୋଡ଼ ହରାଛି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ବୈଷ୍ଣବୀ ସିଂ(୮)। ଗତ ଶୁକ୍ରବାର ଏସ୍‌ସିବିରେ ବୈଷ୍ଣବୀଙ୍କ କଟା ଗୋଡ଼କୁ ଅସ୍ତ୍ରୋପଚାର କରାଯାଇ ଯୋଡ଼ାଯାଇଥିଲା। ହେଲେ ସଂକ୍ରମଣ ହେବାରୁ ବୁଧବାର ଉକ୍ତ ଗୋଡ଼କୁ ଶରୀରରୁ ଅଲଗା କରାଯାଇଛି। ଏବେ ବୈଷ୍ଣବୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ବୈଷ୍ଣବୀ ତାଙ୍କ ମା' ମମତା ସିଂଙ୍କ ସହ ସମ୍ପର୍କୀୟଙ୍କ ବାଇକ୍‌ରେ ମେଳା ବୁଲିବାକୁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ବୈଷ୍ଣବୀଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡି ଶରୀରରୁ ଅଲଗା ହୋଇଯାଇଥିଲା। ବେତନଟୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଅସ୍ତ୍ରୋପଚାର କରାଯାଇ ବୈଷ୍ଣବୀଙ୍କ ବାମ ଗୋଡ଼ ଯୋଡ଼ାହୋଇଥିଲା। ଏନେଇ ପ୍ଲାଷ୍ଟିକ୍ ସର୍ଜରି ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ କହିଛନ୍ତି, ବୈଷ୍ଣବୀଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା କିନ୍ତୁ ତାହା ସଫଳ ହୋଇପାରିଲା ନାହିଁ। ସଂକ୍ରମଣ ହେବାରୁ ତାଙ୍କ ଶରୀରରୁ ଗୋଡ଼କୁ ଅଲଗା କରାଯାଇଛି।



# ପୁରୀରେ ସ୍ଥାପନ ହେବ କେବୁଲ ଲ୍ୟାଣ୍ଡିଂ ଷ୍ଟେଶନ

ଭୁବନେଶ୍ୱର,୧୯।୩(ସୁନିତ୍ ମିଶ୍ର)

ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍‌ରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପକ୍ଷରୁ ପୁରୀଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେଶନ ସ୍ଥାପନ ଲାଗି ପଦକ୍ଷେପ ନିଆଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଡାଟା ସେଣ୍ଟରରେ ନିବେଶକୁ ତ୍ୱରାନ୍ୱିତ କରିବ ଏବଂ ଉଚ୍ଚସ୍ତରୀୟ ପ୍ରଯୁକ୍ତିବିଦ୍ୟାକୁ ଆକୃଷ୍ଟ କରିବା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ରେଲଟେଲ୍ ଏବଂ ଡେଲଏଟ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ କରାଯାଉଥିବା ଏହି ପ୍ରକଳ୍ପର ଡିପିଆର୍ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଆସନ୍ତା ୩ ବର୍ଷରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଧ୍ୟାନଦେଇ ପ୍ରକଳ୍ପ ଅନୁମୋଦନ ପାଇଁ ଡିପିଆର୍ ଶୀଘ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କେବୁଲ ଲ୍ୟାଣ୍ଡିଂ ଷ୍ଟେଶନ ସିଧାସଳଖ ଅନ୍ତର୍ଜାତୀୟ ଫାଇବର ସଂଯୋଗ ପ୍ରଦାନ କରିବା ସହ ବିଳମ୍ବ ହ୍ରାସ କରିବ, ଇଣ୍ଟରନେଟ୍ ବେଗରେ ଉନ୍ନତି ଆଣିବ ଏବଂ ହାଇପର୍ସ୍କେଲର୍, ଗ୍ଲୋବାଲ କାପାବିଲିଟି ସେଣ୍ଟର(ଜିସିସି) ଏବଂ ଉଦ୍ୟୋଗ ପାଇଁ ଓଡ଼ିଶାର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଉଭାହେବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ବିଶ୍ୱ ଡିଜିଟାଲ ନେଟ୍‌ୱର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାକୁ ଯାଉଛି, ଯାହା ଡାଟା ପରିଚାଳିତ ଅର୍ଥନୀତିରେ ଭାରତର ସ୍ଥିତିକୁ ମଜଭୁତ କରିବ।

# ୨୩ ଯାଏ ଝଡ଼ବର୍ଷା

ଭୁବନେଶ୍ୱର,୧୯।୩(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ କାଳବୈଶାଖୀ ପ୍ରଭାବରେ ଗୁରୁବାରଠାରୁ ତାପମାତ୍ରା କିଛି ପରିମାଣରେ ହ୍ରାସ ପାଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୨୦ ରୁ ୨୩ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ଝଡ, ପବନ ସାଙ୍ଗକୁ ଘଡଘଡି, ବିଜୁଳି ଓ କୁଆପଥର ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ଏହାର ପ୍ରଭାବ ବୁଧବାରଠାରୁ ଆକାଶରେ ଦେଖିବାକୁ ମିଳିଲାଣି। ବଙ୍ଗୋପସାଗରରେ ଗୁରୁଚାପ ବଳୟ ସୃଷ୍ଟି ହେବା ସହ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପ୍ରବେଶ କରିବ। ଉତ୍ତପ୍ତ ବାୟୁମଣ୍ଡଳ ଜଳୀୟବାଷ୍ପ ସଂସ୍ପର୍ଶରେ ଆସି ପ୍ରତିକ୍ରିୟାଶୀଳ ହେବ। ଫଳରେ ଏହା ଝଡବର୍ଷା କରାଇବାରେ ସହାୟକ ହେବ। ତେବେ ଏଥିରେ ଉତ୍ତର ଉପକୂଳ ଓଡ଼ିଶା ଅଧିକ ପ୍ରଭାବିତ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

# ବସ୍-କାର୍ ମୁହାଁମୁହିଁ ଧକ୍କା, ୨ ମୃତ

## ୨ ଆହତ, ଉତ୍ତେଜନା ସହ ରାସ୍ତା ଅବରୋଧ

ବେଗୁନିଆ/ବୋଲଗଡ଼,୧୯।୩ (ସନ୍ଧ୍ୟାରାଣୀ ମିଶ୍ର/ହର ପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ପିତୁକୁଳି ଆଦର୍ଶ ବିଦ୍ୟାଳୟ ନିକଟ ୫୭ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍-କାର୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ନୟାଗଡ଼ ଜିଲା ଇଟାମାଟି ଗ୍ରାମର ନୀଳମଣି ସାହୁ ଏବଂ କାଞ୍ଚନବାଳା ମହାନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ଭୁବନେଶ୍ୱର ପଟୁ ବିଶାଖା ନାମକ ଘରୋଇ ବସ୍ (ଓଡି ୨୫ଏମ୍ ୦୮୯୧) ବୌଦ୍ଧ ଅଭିମୁଖେ ଯାଉଥିଲା। ସକାଳ ପ୍ରାୟ ୭ଟାରେ ବେଗୁନିଆ ଥାନା ଅଧୀନ ପିତୁକୁଳି ଆଦର୍ଶ ବିଦ୍ୟାଳୟ ନିକଟ ରାଜପଥରେ ହଠାତ୍ ବସ୍‌ର ଚକା ଫାଟିଯାଇଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇବା ସହ ବିପରୀତ ପଟୁ ଆସୁଥିବା କାର୍ (ଓଡି୦୨ଏକେ ୪୩୩୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍ ଭିତରେ ଥିବା ନୀଳମଣି ଏବଂ କାଞ୍ଚନବାଳା ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି କାର୍‌ରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି କଟର ସାହାଯ୍ୟରେ କାର୍ ଡୋର କାଟିବା ପରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ବସ୍‌ରେ ଥିବା ୨ଜଣ ଯାତ୍ରୀ ଆହତ ହୋଇଥିବାରୁ ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଅନ୍ୟପଟେ ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ କାଞ୍ଚନଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ନୀଳମଣିଙ୍କ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତାଙ୍କ ପୁଅ ଆମେରିକାରୁ ଫେରିବା ପରେ ଗୁରୁବାର ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଏକ ମାମଲା (ନଂ.୧୦୪/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ କାର୍‌କୁ କଟର ସାହାଯ୍ୟରେ କାଟି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୌମ୍ୟରଞ୍ଜନ


@ ମିଟୁ


@ ଶଶୀକାନ୍ତ


@ ମୁନା


@ ରିଙ୍କି


@ ସନ୍ଧ୍ୟାରାଣୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ଦିନ ପାଳନ ହେବ ପ୍ରବେଶ ଉତ୍ସବ, ଖଡିଛୁଆଁ ଦିବସ

## ଏପ୍ରିଲ ୨ରୁ ପ୍ରଥମ ଶ୍ରେଣୀ, ଶିଶୁ ବାଟିକା ନାମଲେଖା

- ମୌଳିକ ଦକ୍ଷତାକୁ ପ୍ରୋତ୍ସାହିତ କରିବ ଜାଦୁ ଇ-ପେଡ଼ି
- ଶିକ୍ଷକଙ୍କୁ ସହାୟକ ପୁସ୍ତିକା, ପିଲାଙ୍କୁ କାର୍ଯ୍ୟ ପୁସ୍ତିକା

ଭୁବନେଶ୍ୱର,୧୯।୩:(ସୁଚିସ୍ମିତା ସାହୁ)

ଏପ୍ରିଲ ୨ରୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଏହି ଦୁଇ ଶ୍ରେଣୀରେ ପିଲାଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ପାଳନ କରାଯିବ। ଏଥିପାଇଁ ଯୋଗ୍ୟ ବିବେଚିତ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି। ଏହି ଉତ୍ସବକୁ ଚାରି ଦିନବ୍ୟାପୀ ଏକ ଆନନ୍ଦମୟ ପରିବେଶ ସହିତ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ୫ରୁ ୬ ବର୍ଷ ବୟସର ପିଲାମାନେ ଶିଶୁ ବାଟିକା ଏବଂ ୬ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ ୨୦୨୫-୨୦୨୬ ଶିକ୍ଷାବର୍ଷରୁ ପ୍ରଥମ ଶ୍ରେଣୀ ପାଇଁ ନାମ ଲେଖାଇପାରିବେ। ଜାଦୁ ଇ-ପେଡିକୁ ଏନ୍‌ସିଇଆର୍‌ଟି ଦ୍ୱାରା ଜାତୀୟ ପାଠ୍ୟକ୍ରମ ଢାଞ୍ଚାରେ ବିକଶିତ କରାଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହା ପ୍ରଦାନ କରାଯିବ। ଏଥିରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳନା, ପଜଲ, କବିତା ପୋଷ୍ଟର, ଗପ କାର୍ଡ଼, ଚିତ୍ର କାର୍ଡ଼, ଶିକ୍ଷକ ତାରା, ଅଭିଭାବକ ତାରା ସଂଖ୍ୟାଜ୍ଞାନ ପାଇଁ ଶିକ୍ଷଣ ସାମଗ୍ରୀ କିଟ୍ ଇତ୍ୟାଦି ରହିଛି। ଏହାକୁ ଉଭୟ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ବ୍ୟବହାର କରିବେ। ଏସ୍‌ସିଇଆର୍‌ଟି ପକ୍ଷରୁ ଏକ ତାଲିମ ମଡ୍ୟୁଲ 'ପ୍ରୟୋଗ' ବିକଶିତ କରାଯାଇଛି। ଏଥିରେ ଜାଦୁ ପେଡ଼ି ସାମଗ୍ରୀର ବ୍ୟବହାର ଉପରେ ତାଲିମ ଦିଆଯିବ। ରାଜ୍ୟର ପ୍ରତ୍ୟେକ କ୍ଲଷ୍ଟର, ବ୍ଲକ ଓ ଜିଲାସ୍ତରରେ ଗୋଷ୍ଠୀ ସଦସ୍ୟଙ୍କ ସଚେତନତା ପାଇଁ ନିପୁଣ ମେଳା କାର୍ଯ୍ୟକ୍ରମ ଜାରି ରହିଛି ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ପିଲାଙ୍କୁ କାର୍ଯ୍ୟ ପୁସ୍ତିକା ଓ ଶିକ୍ଷକଙ୍କୁ ଶିକ୍ଷକ ସହାୟକ ପୁସ୍ତିକା ପ୍ରଦାନ କରାଯିବ। ଆଗାମୀ ଶିକ୍ଷାବର୍ଷ ୨୦୨୬-୨୦୨୭ ମଧ୍ୟରେ ଜାତୀୟ ପାଠ୍ୟକ୍ରମ ଅନୁସାରେ ଏସ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ ପୁସ୍ତକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛନ୍ତି।

